# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 June – 2025**

**News Editor : Itishree Singh Rathaur**

****************************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ଓ ରାଜ୍ୟ ସରକାର ଜନଜାତିଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ, କହିଲେ ମୁଖ୍ୟମନ୍ତ୍ରୀ; ବାରିପଦାରେ ଆଦିବାସୀ ଶକ୍ତି ସମାବେଶକୁ କଲେ ଉଦ୍‌ଘାଟନ
- ରାଜ୍ୟରେ ଝାଡାବାନ୍ତି ସ୍ଥିତି ନେଇ କେନ୍ଦ୍ରୀୟ ଦଳଙ୍କ ସମୀକ୍ଷା; ସଚେତନତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ
- ଦେଶରେ ଅଗଷ୍ଟ ୧୫ ତାରିଖରୁ ଫାଷ୍ଟଟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରିବେ କେନ୍ଦ୍ର ସରକାର

ଏବଂ

- ରାଜ୍ୟରେ ଆରମ୍ଭ ହେଲା ବିସ୍ତୃତ ଖାଦ୍ୟଶସ୍ୟର ପୁନରୁଦ୍ଧାର ଏବଂ ସ୍ଥାୟୀତ୍ୱ ଯୋଜନା

## ମୁଖ୍ୟମନ୍ତ୍ରୀ–ବାରିପଦା

କେନ୍ଦ୍ର ଓ ରାଜ୍ୟ ସରକାର ଜନଜାତିଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଛଉପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟକୁ ସାକାର କରିବାକୁ ହେଲେ ଜନଜାତି ଓ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ । ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷାର ଉନ୍ନତି ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସମାବେଶରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ ।

କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟ ସାଂସଦ ଓ ବିଧାୟକ ଉପସ୍ଥିତ ଥିଲେ ।

## ଝାଡାବାନ୍ତି

ରାଜ୍ୟର ବିଭିନ୍ନ ଅଂଚଳରେ ଝାଡାବାନ୍ତି ନିୟନ୍ତ୍ରଣ ନେଇ ନୂଆଦିଲ୍ଲୀରୁ ଆସିଥିବା କେନ୍ଦ୍ରୀୟ ଦଳ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ଦଳ ଝାଡାବାନ୍ତି ବ୍ୟାପିଥିବା ବିଭିନ୍ନ

ଅଂଚଳର ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ବୈଠକ ପରେ କେନ୍ଦ୍ରୀୟ ଦଳର ସଦସ୍ୟ ଭାଗୀରଥି ଦ୍ୱିବେଦୀ କହିଛନ୍ତି, ଝାଡାବାନ୍ତିର ନିୟନ୍ତ୍ରଣ ପାଇଁ ଜନ ସଚେତନତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ହେବ। ଜଳର ମାନ ବୃଦ୍ଧି କରିବା ସହ ସତର୍କ ରହିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ତେବେ କେଉଁ ଉତ୍ସରୁ ଝାଡାବାନ୍ତି ବ୍ୟାପିଛି ତାହା ସ୍ପଷ୍ଟ ହୋଇପାରି ନାହିଁ। ବିଭିନ୍ନ ଉତ୍ସରୁ  ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି ବୋଲି ଶ୍ରୀ ଦ୍ୱିବେଦୀ କହିଛନ୍ତି।

ଅପରପକ୍ଷରେ, ଯାଜପୁର ଜିଲ୍ଲାରେ ପରିସ୍ଥିତର ସୁଧାର ଆସିଛି। ଜିଲ୍ଲାରେ ବିଶେଷଜ୍ଞ ଦଳ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ନିୟମିତ ଭାବେ ସ୍ଥିତିର ଅନୁଧ୍ୟାନ କରୁଛନ୍ତି। ଏ ସମ୍ପର୍କରେ **ଯାଜପୁରରୁ ଆମ ସମ୍ବାଦଦାତା ପ୍ରିୟରଂଜନ**ଙ୍କ ରିପୋର୍ଟ....

**- V/O - (ପ୍ରିୟରଂଜନ)**

ରାଜ୍ୟର ବିଭିନ୍ନ ଅଂଚଳରେ ଏବେ ଝାଡାବାନ୍ତି ସଂକ୍ରମଣ ବ୍ୟାପିଛି। ଏହି ସମୟରେ ଲୋକଙ୍କୁ ଅଧିକ ସଚେତନ ରହିବା ପାଇଁ ଡାକ୍ତର **ଶ୍ରୀକାନ୍ତ ଧର** ପରାମର୍ଶ ଦେଇଛନ୍ତି....

**- V/O - (ଶ୍ରୀକାନ୍ତ ଧର)**

## ପେନ୍‌ସନ-ଗ୍ରାଚୁଇଟି ସୁବିଧା

ଏକୀକୃତ ପେନ୍‌ସନ ଯୋଜନା-ୟୁପିଏସ୍ ଅଧୀନରେ ଥିବା କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ଅବସରକାଳୀନ ଓ ଗ୍ରାଚୁଇଟି ସୁବିଧା ମିଳିବ ବୋଲି କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ

ଡକ୍ଟର ଜିତେନ୍ଦ୍ର ସିଂ ଆଜି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ସିଂ କହିଛନ୍ତି, ଏହି ପଦକ୍ଷେପ ଜାତୀୟ ପେନ୍‌ସନ୍ ଯୋଜନା-ଏନ୍‌ପିଏସ୍‌ରେ ସବୁ ପ୍ରକାରର କେନ୍ଦ୍ରୀୟ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ନେଇ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅବସରରେ ଡକ୍ଟର ସିଂ ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ଫାଷ୍ଟଟାଗ୍-ପାସ୍

କେନ୍ଦ୍ର ସରକାର ଆସନ୍ତା ଅଗଷ୍ଟ ମାସ ୧୫ ତାରିଖରୁ ଜାତୀୟ ରାଜପଥରେ ଚଳାଚଳ କରୁଥିବା ଅଣ-ବାଣିଜ୍ୟିକ ବ୍ୟକ୍ତିଗତ ଯାନବାହନ ଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଫାଷ୍ଟ୍‌ଟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରିବେ । ଏହି ପାସ୍ ପାଇଁ ବାର୍ଷିକ ୩ ହଜାର ଟଙ୍କା ଦେବାକୁ ପଡ଼ିବ । ବାର୍ଷିକ ପାସ୍ ସକ୍ରିୟ ହେବାର ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ଟି ଯାତ୍ରା ପୂରଣ ହେବା ପର୍ଯ୍ୟନ୍ତ ପାସ୍ ବୈଧ ରହିବ ବୋଲି ସୂଚନା ମିଳିଛି ।
ଏ ସମ୍ପର୍କରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି,ଏହି ପଦକ୍ଷେପ ରାଜପଥ ଯାତ୍ରାକୁ ସହଜ କରିବା ସହ ଟୋଲ୍‌ଗେଟ୍ ନିକଟରେ ଭିଡ଼ କମାଇବାରେ ସହାୟକ ହେବ। ଏହି ଯୋଜନା ସମ୍ପର୍କରେ ଅଧିକ ତଥ୍ୟ **ରାଜମାର୍ଗ ଯାତ୍ରା ଆପ୍** ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ସଡ଼କ ପରିବହନ ଓ

ରାଜପଥ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## କେ.ଭି. ସିଂହଦେଓ-ଖାଦ୍ୟଶସ୍ୟ

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଓଡ଼ିଶାରେ ବିସ୍ମୃତ ଖାଦ୍ୟ ଶସ୍ୟର ପୁନରୁଦ୍ଧାର ଏବଂ ଏହାର ସ୍ଥାୟୀତ୍ୱ ନେଇ ଏକ ଯୋଜନା ଆରମ୍ଭ ହୋଇଛି। କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହି ଯୋଜନାରେ ବିଲୁପ୍ତପ୍ରାୟ ଖାଦ୍ୟଶସ୍ୟର ଆନୁବଂଶିକ ସଂଗ୍ରହ, ଖାଦ୍ୟ ସଂସ୍କୃତି ସମ୍ବନ୍ଧୀୟ ତଥ୍ୟାବଳୀର ପ୍ରସ୍ତୁତି, ବିସ୍ମୃତ ଖାଦ୍ୟର ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଓ ଖାଦ୍ୟ ପ୍ରସ୍ତୁତିକୁ ପ୍ରୋତ୍ସାହନ, ଖାଦ୍ୟ ସ୍ୱତନ୍ତ୍ରତା ସମ୍ପର୍କିତ ଗବେଷଣା ଏବଂ ହିତାଧିକାରୀଙ୍କ ସହଭାଗିତାକୁ ଗୁରୁତ୍ୱ ଦିଆଯିବ। ଏହା ୧୫ଟି ଜିଲ୍ଲାର ୨୫ଟି ବ୍ଲକ୍‌ରେ କାର୍ଯ୍ୟକାରୀ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ବିଦ୍ୟାଳୟ ବନ୍ଦ

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରଖିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ବିକାଶମେଳା

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରେ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା-ଓଡ଼ିଶା ଭିଜନ୍ ଶୀର୍ଷକ ଆଲୋଚନାଚକ୍ରରେ  କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ସମେତ ବହୁ ଅଧିକାରୀ ଓ ଶିକ୍ଷାବିତ୍ ଅଂଶଗ୍ରହଣ କରି ଶିକ୍ଷାର ଉନ୍ନତି, ଆର୍ଥିକ ସ୍ଥିତି ଓ ଶିଳ୍ପ ସମ୍ଭାବନା ନେଇ ଆଲୋଚନା କରିଥିଲେ।

## ବିକାଶ ମେଳା

**କେନ୍ଦ୍ରାପଡ଼ା** ମାଉସୀମା ମନ୍ଦିର ନିକଟରେ ବିକାଶ ମେଳା ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ଶାସନର ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ମେଳାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୂରଜ ସୂଚନା ଦେଇଥିଲେ।

## ବିପର୍ଯ୍ୟୟ ପରିଚାଳନା

**କଳାହାଣ୍ଡି** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଆୟୋଜିତ ଏହି କର୍ମଶାଳାରେ ସମ୍ଭାବ୍ୟ ପ୍ରାକୃତିକ

ବିପର୍ଯ୍ୟୟର ମୁକାବିଲା ପାଇଁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା ।

## ବିକଶିତ ଓଡ଼ିଶା

**କେନ୍ଦ୍ରାପଡ଼ା** ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୨୬ ଓ ବିକଶିତ ଓଡ଼ିଶା ୨୦୪୭ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଆଳି ବିଧାୟକ ପ୍ରତାପ ଚନ୍ଦ୍ର ଦେବଙ୍କ ସହ ଅନେକ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବିପର୍ଯ୍ୟୟ ପରିଚାଳନା ବୈଠକ

**ଗଞ୍ଜାମ** ଜିଲ୍ଲାସ୍ତରୀୟ ଟେବୁଲଟପ୍ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜଉଗଡ଼ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ବୈଠକରେ ବିପର୍ଯ୍ୟୟ ମୁକାବିଲା ସଂକ୍ରାନ୍ତ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା ।

**ମାଲକାନଗିରି** ଜିଲ୍ଲାରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁଥିବା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକ୍‌ଡ୍ରିଲ୍ ପୂର୍ବରୁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

**ନୂଆପଡ଼ା** ଜିଲ୍ଲା ଖଡିଆଳ ବ୍ଲକ୍ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମକ୍‌ଡ୍ରିଲ୍ ଆଜି ଅନୁଷ୍ଠିତ ହୋଇଯାଇଛି ।

**ସୁବର୍ଣ୍ଣପୁର** ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀକକ୍ଷରେ  ଜିଲ୍ଲାସ୍ତରୀୟ ଟେବୁଲଟପ୍ ଅଭ୍ୟାସ ବୈଠକ ଅନୁଷ୍ଠିତ ହୋଇଯାଇଛି ।

**ଢେଙ୍କାନାଳ** ଜିଲ୍ଲାରେ ଆଗାମୀ ଦିନରେ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠତ ହୋଇଯାଇଛି ।

## ପାଣିପାଗ

ଦେଶର ଉଭୟ ପଶ୍ଚିମ ଓ ପୂର୍ବ ଭାଗରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ପଶ୍ଚିମ ଭାଗରେ ଦକ୍ଷିଣ ଗୁଜରାଟ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳ ଏବଂ ପୂର୍ବ ଭାଗରେ ଦକ୍ଷିଣ-ପଶ୍ଚିମ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକାରେ ଲଘୁଚାପ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି । ଲଘୁଚାପର ପ୍ରଭାବରେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ବିଜୁଳି ଘଡ଼ଘଡ଼ି ସହ ୨୨ଟି

ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି।